# Akashvani, Sambalpur

## SAMBALPURI NEWS EVENING BULLETIN

## 14 August 2026-7.02- 7.12 pm.

---

୧- ଭାରତ୍‌କେ ବିକଶିତ୍ ରାଷ୍ଟ୍ରଥି ବଦ୍‌ଲବାର୍ ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ସମର୍ପିତ୍ ହେବାର୍‌କେ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଲେ ରାଷ୍ଟ୍ରପତି ।

- ସ୍ୱାଧୀନତା ଦିବସ୍ ଆଘୋନୁ ଦେଶ୍‌ବାସୀଙ୍କୁ କଲେ ସମ୍ବୋଧନ୍ ।

- ଆଏବା କାଏଲ୍ ଦେଶ୍‌ପାଲନ୍ କର୍‌ବା ୮୦ ତମ ସ୍ୱାଧୀନତା ଦିବସ୍ ।

୨- ଐତିହାସିକ୍ ଲାଲ୍‌କିଲ୍ଲା ଠାନେ ଆଏବା କାଏଲ୍ ଜାତୀୟ ପତାକା ଉତୋଲନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ନ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଯୋଗ୍ ଦେବେ ମୁଖ୍ୟମନ୍ତ୍ରୀ ।

୩- ସ୍ୱାଧୀନତା ଦିବସ୍ ଅବ୍‌ସରେ ଓଡ଼ିଶାର୍ ୧୭ ଝନ୍‌କୁ ପୁଲିସ୍ ସେବା ପୁରସ୍କାର୍ ମିଲ୍‌ବା- ଘୋଷ୍‌ନା କଲେ କେନ୍ଦ୍ର ସର୍‌କାର୍ ।

ଆଉର୍

୪- ରାଜ୍ୟର୍ ସବୁ ସହର୍ ଆର୍ ଗାଁ ଇଲାକା ନ ୧ ହଜାର୍‌ଟା ଫୋର୍‌ଜି- ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ଟାୱାର୍ ଥାପ୍‌ନା କର୍‌ବେ ସର୍‌କାର୍ ।

ରାଷ୍ଟ୍ରପତି        ଆର୍‌ଏନ୍‌ୟୁ/ କଟକ୍

ଗୁଟେ ସମାବେଶୀ ଦେଶ୍‌ପ୍ରେମ୍‌ର ଭାବ୍‌ନା ସହେତେ ଭାରତ୍‌କେ ବିକଶିତ୍ ରାଷ୍ଟ୍ରଥି ବଦ୍‌ଲବାର୍ ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ନିଜ୍‌କେ ସମର୍ପିତ୍ କର୍‌ବାର୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ୮୦ ତମ ସ୍ୱାଧୀନତା ଦିବସ୍‌ର ଅବ୍ୟବହିତ ଆଘୋନୁ ରାଷ୍ଟ୍ରପତି ଆଏଜ୍ ରାଷ୍ଟ୍ର ଉଦ୍ଦେଶ୍ୟଥି ଅଭିଭାଷଣ୍ ରଖିକରି ଇଟା କହିଛନ୍ । ଆଏଜ୍ ଅଗଷ୍ଟ ୧୪ ତାରିଖ୍‌ଥି ଦେଶ୍ ବିଭାଜନ ବିଭିଷିକା ସ୍ମୃତି ଦିବସ୍ ପାଲନ୍ କରୁଛେ । ବିଭାଜନ୍ ଲାଗି ହିଂସାଥି ଜୀବନ୍ ହରେଇଥିବା ଲାଖ୍ ଲାଖ୍ ଭାରତୀୟଙ୍କୁ ଦେଶ୍‌ବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରୁଛନ୍ ।

ରାଷ୍ଟ୍ରପତି କହିଛନ୍, ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ୍‌ଥି ଭାରତ୍ ସ୍ୱାଧୀନ୍ ହେଇଥିଲା । ସ୍ୱାଧୀନତାର୍ ସାର୍ଥକତା ହେଉଛେ, ଦେଶର୍ ସବୁ ନାଗରିକ ଯେନ୍ତା ନିଜର୍ ଆକାଂକ୍ଷା ଆର୍ ସପନ୍ ପୁରା କର୍‌ବାର୍ ଲାଗି ଉପଲବ୍ଧ ସୁଯୋଗ୍‌ର ସଦ୍-ଉପଯୋଗ୍ କରିପାର୍‌ବେ । ହେଲେ ଦେଶ୍‌ବାସୀଙ୍କର୍ ଇ ଆଶାଆକାଂକ୍ଷା ପୁରା କର୍‌ବାର୍ ସହେତେ ଭାରତ୍‌କେ ପୁର୍‌ଥିର୍ ଗୁଟେ ଆଗୁଆ ରାଷ୍ଟ୍ରଥି ପରିଣତ୍ କର୍‌ବାର୍ ଲକ୍ଷ୍ୟ ରଖିକରି ଇତାର୍ ଭିତ୍‌ରେ ବହୁତ୍‌ଟେ ପଦକ୍ଷେପ୍ ନିଆଯାଇଛେ । ଭାରତ୍‌ର ଲୁକ୍‌କର୍ ଲାଗି ଥିବା ଦେଶର୍ ସମ୍ବିଧାନ୍ ଜନସହଭାଗିତାର୍ ଭିତି ଉପ୍‌ରେ ପ୍ରତିଷ୍ଠିତ । ଭାରତ୍ ଗଣତନ୍ତ୍ରର ଜନମ୍‌ଭୂମି । ଦେଶ୍‌ବାସୀଙ୍କର୍ ଭିତ୍‌ରେ ଜନସହଭାଗିତାର୍ ଭାବନା ସବୁବେଳେ ରହିଆସିଛେ ଆର୍ ନୂଆଁ ଉତ୍ସାହ ଉଦ୍ଦିପନା ସହେତେ ଇ ପରମ୍ପରାକେ ଦେଶ୍‌ବାସୀ ଆଗେଇ ନେବାର୍‌ଥି ସଫଲ୍ ହେଇଛନ୍ ।

ରାଷ୍ଟ୍ରପତି କହିଛନ୍, ଦେଶେ କାର୍ଯ୍ୟକାରୀ କରାଯାଇଥିବା ଭିନ୍ ଭିନ୍ ରାଷ୍ଟ୍ରୀୟ ଜନକଲ୍ୟାଣ୍‌କାରୀ ଅଭିଯାନ୍‌ମାନ୍‌କେ କାର୍ଯ୍ୟକାରୀ କରାବାର୍ କ୍ଷେତ୍ରଥି ଲୁକ୍‌କର୍ ସକ୍ରିୟ ସହଭାଗିତା

ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ୍ କର୍ସି । ଇଟା ଆମର୍ ଗଣତନ୍ତ୍ରର ଗୁଟେ ପ୍ରେରଣାଦାୟକ ସଫଲତା ବଲି ଶ୍ରୀମତୀ ମୁର୍ମୁ କହିଛନ୍ ।

ସମ୍ବିଧାନ୍‌ଥି କାର୍ଯ୍ୟକାରିତା, ବିଧାନପାଳିକା ଆର୍ ନ୍ୟାୟପାଳିକାର୍ ଦାୟିତ୍ୱ ସ୍ପଷ୍ଟ ଭାବେ ଧାରିଜ୍ ହେଇଛେ । ଜନପ୍ରତିନିଧିମାନ୍‌କର୍ କର୍ତବ୍ୟ ହେଉଛେ ଲୁକ୍‌କର୍ ଅକାଂକ୍ଷାକେ ବିଧାନ୍‌ପାଳିକାଥି ରଖିବାର । ଦେଶ୍ ଆର୍ ଦେଶ୍‌ବାସୀଙ୍କର୍ ସ୍ୱାର୍ଥଥି ଥିବା ନୀତିମାନ୍‌କୁ କାର୍ଯ୍ୟକାରୀ କର୍‌ବାର୍‌ଟା କାର୍ଯ୍ୟପାଳିକାର୍ ଦାୟିତ୍ୱ ଆଏ । ସେନ୍ତା ସମ୍ବଲ୍‌ର ଅଭାବ୍ ଲାଗି ଯେନ୍ତା କେନ୍‌ସି ଲୋକ୍ ନ୍ୟାୟକୁ ବଂଚିତ ନାଇଁ ହୁଅନ୍ ସେଟାକେ ସୁନିଶ୍ଚିତ କର୍‌ବାର୍‌ଟା ହେଉଛେ ନ୍ୟାୟିକ ବ୍ୟବସ୍ଥାର୍ କର୍ତବ୍ୟ । ଇ ୩ ଟା ବର୍ଗ ନିଜର୍ ନିଜର୍ ସୀମା ପରିସର୍‌ଥି ରହିକରି ଦେଶ୍ ଆଉ ଦେଶ୍‌ର୍ ଲୁକ୍‌କର୍ କଲ୍ୟାଣ୍ ଲାଗି ସଫଲତାର୍ ସହେତେ କାମ୍ କରୁଛନ୍ । ଇଟା ସାରା ପୁର୍‌ଥିର୍ ଲାଗି ଗୁଟେ ଉଦାହରଣ୍ ହେଇଛେ ବଲି ରାଷ୍ଟ୍ରପତି କହିଛନ୍ ।

ଦ୍ରୁତ ଆର୍ ସମାବେଶୀ ବିକାଶ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଉଦ୍ଦେଶ୍‌ଥି ଗଲା ୧୦ ବଛର୍‌କୁ ଅଏତ୍‌କା ସମିଆ ଭିତ୍‌ରେ ଭିନ୍ ଭିନ୍ କ୍ଷେତ୍ରଥି ବହୁତ୍‌ଟେ ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ନିଆଯାଇଛେ ।

ସେନ୍ତା ଐତିହ୍ୟ ଆର୍ ବିକାଶ୍ ଭିତ୍‌ରେ ସମନ୍ୱୟକେ ପ୍ରାଥମିକତା ଦେବାର୍ ସହେତେ ଦଶନ୍ଧି ଦଶନ୍ଧି ହେଲା ବିକାଶ୍‌ଥି ପ୍ରତିବନ୍ଧକ୍ ସାଜିଥିବା ବହୁତ୍‌ଟେ ବାଧା ଦୂର୍ କର୍‌ବାର୍‌ଥି ଭାରତ୍ ସଫଲତାର୍ ସାକ୍ଷୀ ହେଇଛେ ବଲି ସେ କହିଛନ୍ । ଇ ସମିଆ ଭିତ୍‌ରେ ମହିଲା ଶିକ୍ଷା କ୍ଷେତ୍ର ନୂଆଁ ମାନଦଣ୍ଡ ସ୍ଥାପିତ ହେବାର୍ ସହେତେ ୨୫ କୋଟିନୁ ଅଏତ୍‌କା ଲୁକ୍‌କୁ ଦାରିଦ୍ର୍ୟ ସୀମାରେଖା ବାହାର୍‌କେ ଅନାଯାଇପାରିଛେ । ଇତାର୍‌ଛଡ଼ା ପୁର୍‌ଥିର୍ ସବୁନୁ ବଡ଼ ଆର୍ଥିକ ଅନ୍ତର୍ଭୁକ୍ତିକରଣ୍ କାର୍ଯ୍ୟକ୍ରମ୍ ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନା ଅଧୀନ୍‌ଥି ପାଖାପାଖି ୫୯ କୋଟି ହିତାଧିକାରୀ ବେଙ୍କିଙ୍ଗ୍ ବ୍ୟବସ୍ଥାଥି ଜୁଡ଼ି ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ୩୨ କୋଟି ନୁ ଅଏତ୍‌କା ଖାତାଧାରୀ ମହିଲା ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ଜନ୍‌ଧନ୍ ଯୋଜ୍‌ନା)

ସେ କହିଛନ୍, ମାହାଲିଆ ରାସନ୍ ଯୋଗାଣ ଜରିଏ ୮୦ କୋଟିନୁ ଅଏତ୍‌କା ଲୁକ୍‌କର୍ ଲାଗି ଖାଦ୍ୟ ସୁରକ୍ଷା ସୁନିର୍ଶ୍ଚିତ୍ କରାଯାଇଛେ । ଇତାର୍‌ଛଡ଼ା ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଅଧୀନ୍‌ଥି ୬୦ କୋଟି ଲୁକ୍‌କୁ ଫି' ବଛର୍ ୫ ଲାଖ୍ ଟଙ୍କା ତକ୍ ମାହାଲିଆ ସ୍ୱାସ୍ଥ୍ୟସେବା ଦିଆଯାଉଛେ ।

କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନା ଆଉ କିଷାନ୍ କ୍ରେଡ଼ିଟ୍‌କାର୍ଡ୍ ଜରିଏ ଚାଷୀମାନ୍‌କୁ ସାହାଜ୍ ଯୁଗେଇ ଦିଆଯାଉଛେ ବଲି ରାଷ୍ଟ୍ରପତି କହିଛନ୍ ।

ଶ୍ରୀମତୀ ମୁର୍ମୁ କହିଛନ୍, ଦେଶେ ରାଜପଥ୍, ଜଲ୍‌ପଥ୍, ରେଲ୍‌ପଥ ଆର୍ ବିମାନ୍‌ପଥ୍ ବାଗିର୍ ଆଧୁନିକ୍ ଭିତିଭୂମିର୍ ଅଭୁତପୂର୍ବ ବିକାଶ୍ ହେଇଛେ । ଯେନ୍‌ଟାକି ନୂଆଁ ଉଦ୍ୟୋଗ୍ ଲାଗି ସୁଯୋଗ୍ ଆର୍ ନିଯୁକ୍ତି ସୃଷ୍ଟି କର୍‌ବାର୍ ସହେତେ ନିବେଶକମାନ୍‌କର୍ ଆତ୍ମବିଶ୍ୱାସ ଭିଲ୍ ବଢ଼ାବାର୍‌ଥି ସାହାଜ୍ ହେଇଛେ ।

ସେ କହିଛନ୍, ୨୦୪୭ ତକ୍ ଗୁଟେ ବିକଶିତ୍ ଭାରତ୍ ଗଠନ୍ ସପନ୍‌ର ପ୍ରକୃତ ଉଦ୍ଦେଶ୍ ହେଉଛେ ଫି’ ଭାରତୀୟଙ୍କର୍ ସମାବେଶୀ ବିକାଶ୍ ଆର୍ କଲ୍ୟାଣ୍ । ଦେଶର୍ ଫି’ ଗାଁ, ସହର୍ ଆର୍ ଫି’ ପରିବାର୍‌ର ଲୁକେ ଅଏତ୍‌କା ସୁସ୍ଥ, ସୁଖୀ ଆଉ ସମୃଦ୍ଧ ଜୀବନ୍‌ଯାପନ୍ କର୍‌ବାର୍ କାମନା କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦେଶ୍‌ବାସୀଙ୍କୁ ସ୍ୱାଧୀନତା ଦିବସ୍‌ର ଶୁଭେଛା ଜନେଇଛନ୍ ।

(ଭଏସ୍ ଓଭର୍-ଶୁଭେଛା)

ପ୍ରଧାନ୍‌ମନ୍ତ୍ରୀ-ପତାକା ଉତୋଲନ୍ ଆର୍‌ଏନ୍‌ୟୁ/କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିଲ୍ଲୀର୍ ଐତିହାସିକ୍ ଲାଲ୍‌କିଲ୍ଲା ଠାନେ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଭାରତୀୟ ବାୟୁସେନାର୍ ୨ ଟା ଏମ୍.ଆଇ. ୧୭ ହେଲିକେପ୍ଟର୍ ଜରିଏ ଆୟୋଜନ୍ ଜାଗା ନ ଫୁଲ୍ ଝିଟାଯିବା । ରାଷ୍ଟ୍ରୀୟ ଗାନ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ପହେଲା ଥର୍ ଲାଗି ଲାଲ୍‌କିଲ୍ଲା ଠାନେ ବନ୍ଦେ ମାତରମ୍ ଗାନ କରାଯିବା । ଜାତୀୟ ସମର୍ ଶିକ୍ଷାର୍ଥୀ ବାହିନୀ ଏନ୍‌ସିସି କେଡ଼େଟ୍ ଆଉ ମାଇ ଭାରତ୍‌ର ସ୍ୱେଚ୍ଛାସେବୀ ମାନେ ବନ୍ଦେ ମାତରମ୍ ଗାଏବେ । ଇଟାର୍ ଉତ୍‌ରୁ ଜାତୀୟ ସଂଗୀତ ଗାନ କରାଯିବା ।

ସ୍ୱାଧୀନତା ଦିବସ-ପତାକା ଉତୋଲନ୍    ଆର୍‌ଏନ୍‌ୟୁ/ କଟକ

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ପାଲନ୍ କରାଯିବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ସମ୍ମିଳିତ ପରେଡ଼୍‌ଥି ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କଲାହାଣ୍ଡି ନ ଆଉ ପ୍ରଭାତୀ ପରିଡ଼ା ସୁନ୍ଦର୍‌ଗଡ଼୍ ନ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ସେନ୍ତା ସମ୍ବଲ୍‌ପୁର୍ ନ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜାତୀୟ ପତାକା ଉତୋଲନ୍ କର୍‌ବେ ।

ପୁଲିସ୍ ସେବା ପଦକ ଓଡ଼ିଶା ପୁଲିସ୍

ସ୍ୱାଧୀନତା ଦିବସ୍ ଅବ୍‌ସରେ କେନ୍ଦ୍ର ସର୍‌କାର୍ ପୁଲିସ୍, ଅଗ୍ନିଶମ ସେବା, ହୋମ୍‌ଗାର୍ଡ଼ ଆର୍ ସିଭିଲ୍ ଡିଫେନ୍ସ ସେବାର ୧ ହଜାର୍ ୫୭ ଝନ୍ କର୍ମଚାରୀଙ୍କର୍ ଲାଗି ବୀରତ୍ୱ ଆଉ ସେବା ପଦକ୍ ଘୋଷ୍‌ନା କରିଛନ୍ । ଇତାର୍‌ଭିତ୍‌ରେ ଓଡ଼ିଶାର୍ ୧୭ ଝନ୍‌କୁ ପୁଲିସ୍ ସେବା ପୁରସ୍କାର୍ ମିଲ୍‌ବା । ୫ ଝନ୍‌କୁ ସାହସିକତା ଆଉ ୨ ଝନ୍‌କୁ ରାଷ୍ଟ୍ରପତି ପଦକ୍ ଲାଗି ବଛାଯାଇଛେ । ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ୍ ସଞ୍ଜିବ ପଣ୍ଡା ଆର୍ ଉପ ଆରକ୍ଷୀ ଅଧିକ୍ଷକ୍ ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପଦକ୍ ଦିଆଯିବା । ୧୦ ଝନକୁ ପ୍ରଶଂସନୀୟ ପଦକ୍ ଲାଗି

ବଛାଯାଇଛେ । ସେଆଡ଼େ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଏବା କାଏଲ୍ ସଖାଲ୍‌ବେଲା ଗୃହ ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ପଦକ୍ ପ୍ରଦାନ୍ ଉତ୍ସବ୍ ଆୟୋଜନ୍ କରାଯିବା । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ପଦକ୍ ପ୍ରଦାନ୍ କର୍‌ବେ ।

ବିଏସ୍‌ଏନ୍‌ଏଲ୍ ଟାୱାର୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ସହର୍ ଆର୍ ଗାଁ ଇଲାକା ନ ୯ ଶହ ୬୦ ଟା ଆର୍ ଭୁବ୍‌ନେଶ୍ୱର୍ ନ ୪୦ ଟା ଫୋର୍‌ଜି ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ଟାୱାର୍ ଥାପ୍‌ନା କରାଯିବା ବଲି ବିଏସ୍‌ଏନ୍‌ଏଲ୍ ଓଡ଼ିଶା ମୁଖ୍ୟ ପ୍ରବନ୍ଧକ ଡି.କେ. ବେହେରା କହିଛନ୍ । ସେ କହିଛନ୍, ରାଜ୍ୟର୍ ୫ ହଜାର୍‌ନୁ ଅଏତ୍‌କା ମାଧମିକ ବିଦ୍ୟାଲୟ, ୧ ହଜାର୍ ଶହେ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆର୍ ୬ ହଜାର୍ ୫ ଶହ ନୁ ଅଏତ୍‌କା ସ୍ୱାସ୍ଥ୍ୟକେନ୍ଦ୍ରକେ ହାଇସ୍ପିଡ୍ ଇଂଟର୍‌ନେଟ୍ ସେବା ସମ୍ପ୍ରସାରିତ୍ କରାଯିବା । କେନ୍ଦ୍ର ସର୍‌କାର୍‌ଙ୍କର୍ ଡିଜିଟାଲ୍ ଭାରତ୍ ନିଧି - ଡି.ବି.ଏନ୍. ଅନୁଦାନ୍ ପ୍ରାପ୍ତ ପ୍ରକଳ୍ପ

ଆର୍ ରାଜ୍ୟ ସର୍କାର୍ ଇତାର୍ ସବୁ ଖର୍ଚ୍ଚା ଉଠାବେ ବଲି ଶ୍ରୀ ବେହେରା କହିଛନ୍ ।

ସାଇବର୍ ସଚେତନତା ଓଡ଼ିଶା ପୁଲିସ୍

ସାଇବର୍ ଅପରାଧ୍‌ର ମୁକାବିଲା, ଛାତ୍ରଛାତ୍ରୀ ଆର୍ ଯୁଆନ୍ ପିଢ଼ିଙ୍କୁ ସୁରକ୍ଷିତ୍, ସଚେତନ୍ ଆଉ ଦାୟିତ୍ୱବାନ୍ ଡିଜିଟାଲ୍ ନାଗରିକ୍ ଭାବେ ଗଢ଼୍‌ବାର୍ ଉଦ୍ଦେଶ୍‌ଥି ଓଡ଼ିଶା ପୁଲିସ୍, ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଆର୍ ଉଚ୍ଚଶିକ୍ଷା ବିଭାଗ୍‌ର ମିଳିତ୍ ସହଯୋଗ୍‌ଥି ସାରାରାଏଜେ ସାଇବର୍ ସଚେତନତା ଅଭିଯାନ୍ ଆଏଜ୍ ହେଇଯାଇଛେ । କ୍ରାଇମ୍‌ବ୍ରାଂଚ୍‌ର ଆରକ୍ଷୀ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ଇ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ । ଇ ଅଭିଯାନ୍‌ଥି ରାଜ୍ୟର୍ ୩୫ ଟା ପୁଲିସ୍ ଜିଲ୍ଲା ଅଧୀନ୍‌ଥି ଥିବା ୨୦ ହଜାର୍‌ନୁ ଅଏତ୍‌କା ବିଦ୍ୟାଳୟ ଆର୍ ୨ ହଜାର୍ ନୁ ଅଏତ୍‌କା ମହାବିଦ୍ୟାଳୟ ଆଭାସୀ ଜରିଏ ସାମିଲ୍ ହେଇଥିଲେ । ଇଥି ସାଇବର୍ ଆର୍ଥିକ୍ ଠକେଇ ସମିଆଥି ତୁର୍‌ତି

ପଦକ୍ଷେପ୍ ନେବାର୍ ଗୁରୁତ୍ୱ ଉପ୍ରେ ସଚେତନ୍ କରାଯାଇଥିଲା ।

ବିଭାଜନ ବିଭୀଷିକା ସ୍ମୃତି ଦିବସ ଆର୍ଏନ୍ୟୁ/ କଟକ୍/ ନୂଆପଡ଼ା

୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ୍ ଆଝିରର୍ ଦିନେ ଦେଶ୍ ବିଭାଜନ୍ ହେଇଥିଲା । ଇ ଦିନ୍‌କେ ସୋର୍ କରିକରି ଦେଶେ ଆଏଜ୍ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଲନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଘୋଷ୍‌ନା ଅନ୍‌ସାରେ ୨୦୨୧ ମସିହାନୁ ଫି' ବଛର୍ ଆଝିରର୍ ଦିନେ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବିଭାଜନ୍ ଖାଲି ଭୂ-ଖଣ୍ଡର ସୀମ୍‌ନାକେ ଧାରିଜ୍ ନାଇଁକରିଥିଲା । ଇଟା ଥିଲା ଲାଖ୍ ଲାଖ୍ ନିରୀହ ଲୁକ୍‌କର୍ ରକତ୍, ଲହ, ନିର୍ବାସନ୍ ଆଉ ନିର୍ଯ୍ୟାତନାର୍ କରୁଣ ସାକ୍ଷୀ ସୀମ୍‌ନାର୍ ଦୁହିଫାଲୁ ପାଖାପାଖି ୧ କୋଟି ୪୦ ଲାଖ୍ ଲୋକ୍ ନିଜର୍ ଭିଟାମାଟି, ସମ୍ପତି, ପରିବାର୍ ଆଉ ଅତୀତ୍‌ର ସ୍ମୃତିକେ ଛାଡ଼ିକରି ଶରଣାର୍ଥୀ ହିସାବେ ଅଲ୍‌ଗା ଜାଗାକେ ଯିବାର୍‌କେ ବାଧ ହେଇଥିଲେ ।

ବନ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୪ ଟା ଜିଲ୍ଲା ନ ବଏଢ଼୍ ଥିତି ଦେଖାଦେଇଛେ ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ୍ ପ୍ରଭାକର୍ ପାଟିଲ୍ କହିଛନ୍ । ସେ କହିଛନ୍, ଯାଜ୍‌ପୁର୍, ଭଦ୍ରକ୍, ବାଲେଶ୍ୱର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ୪୫ ଟା ପଂଚାୟତ୍ ବଏଢ଼୍‌ଥି ପ୍ରଭାବିତ୍ ହେଇଛେ । ବୈତରଣୀ ନଦୀ ନ ବଏଢ଼୍ ଲାଗି ଭଦ୍ରକ୍ ଆର୍ ଯାଜ୍‌ପୁର୍ ଜିଲ୍ଲା ପ୍ରଭାବିତ୍ ହେଇଛେ । ଆଘୋନୁ ହେଇଥିବା ଘାଇ ଦେଇକରି ବଏଢ଼୍ ପାଏନ୍ ଆସୁଛେ । ଓଡ୍ରାଫ୍‌ର ୧୦ ଟା ଆଉ ଏନ୍‌ଡିଆର୍‌ଏଫ୍‌ର ୭ ଟା ଦଲ୍‌କେ ଉଦ୍ଧାର୍ କାମ୍‌ଥି ଲଗାଯାଇଛେ ବଲି ଶ୍ରୀ ପାଟିଲ୍ କହିଛନ୍ ।